To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
# S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.225, ଭଦ୍ରକ, ଶୁକ୍ରବାର, ୧୬, ଫେବୃୟାରୀ ୨୦୧୮ ■ Bhadrak, Friday, 16 February 2018 Rs. 2.00 Pages-8

## ଆସାମରେ ଭାରତୀୟ ବାୟୁସେନାର ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୨ ପାଇଲଟ ମୃତ



# ଭାରତୀୟ ହକି ଦଳର ପ୍ରାୟୋଜକ ଓଡିଶା

- ହକି ହେଉଛି ଓଡିଆ ଲୋକଙ୍କ ଜୀବନଧାରା : ନବୀନ
- ଓଡ଼ିଶା ହେବ ଦେଶର ସ୍ପୋର୍ଟ୍ସ କ୍ୟାପିଟାଲ : ନରେନ୍ଦ୍ର ବାତ୍ରା
- ଦିଲ୍ଲୀରେ ଭାରତୀୟ ହକି ଦଳର ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
- ନଭେମ୍ବର ୨୩ରେ ଓଡିଶାରେ ହକି ୱାର୍ଲ୍ଡ କପ୍
- ୫ ବର୍ଷ ପାଇଁ ଦାୟିତ୍ୱ ନେଲା ଓଡ଼ିଶା



ଭୁବନେଶ୍ୱର ୧୫।୨ (ସକାଳ ଖବର) : ଆସନ୍ତା ୫ବର୍ଷ ଲାଗି ଭାରତୀୟ ହକି ଦଳ ପାଇଁ ଓଡିଶା ପ୍ରାୟୋଜକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ନଭେମ୍ବର ୨୩ ତାରିଖରେ ଓଡିଶାରେ ହକି ୱାର୍ଲ୍ଡ କପ୍ ଅନୁଷ୍ଠିତ ହେବ । ଏଥିରେ ୧୬ଟି ଦଳ ଭାଗ ନେବେ। ହକି ୱାର୍ଲ୍ଡ କପ୍ ପାଇଁ ଦିଲ୍ଲୀ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ହକି ଇଣ୍ଡିଆର ଉଭୟ ପୁରୁଷ ଓ ମହିଳାଙ୍କ ଲାଗି ଜର୍ସି ସହିତ ଲୋଗୋର ଉନ୍ମୋଚନ କରିଥିଲେ । ଏଥିରେ ଓଡିଶା -ଇଣ୍ଡିଆ ହକି ୱାର୍ଲ୍ଡ କପ୍ ନାମ ଥିବାରୁ ସେ ଅତ୍ୟନ୍ତ ଖୁସି ଓ ଗର୍ବିତ । ହକି ହେଉଛି ଓଡିଆ ଲୋକଙ୍କ ଜୀବନଧାରା। ବିଶେଷ କରି ଆଦିବାସୀ ମାନଙ୍କ ରକ୍ତରେ ହକି ଖେଳ ରହିଛି । ଗାଁ ଗାଁରେ ଏହି ଖେଳ ପିଲାମାନଙ୍କ ଜୀବନ । ଓଡିଶା ସରକାର ଓ ହକି ଇଣ୍ଡିଆର ସହଭାଗିତାରେ ଭାରତ ହକିର ନୂତନ ଅଧ୍ୟାୟ ଆରମ୍ଭ ହେଉଛି । ହକି କ୍ରୀଡା ଠାରୁ ଅଧିକ ଲୋକପ୍ରିୟ। ଓଡିଶା ଦକ୍ଷ ହକି ଖେଳାଳୀ ସୃଷ୍ଟି କରିଛି। ଦିଲ୍ଲୀପ ତିର୍କୀ , ଇଗ୍ନେଶ୍ ତିର୍କୀ , ଲାଜରୁସ୍ ବାର୍ଲା ଅତୀତରେ ସୃଷ୍ଟି କରିପାରିଛି ।ଏବେ ଭାରତୀୟ ଦଳରେ ଓଡିଶାର ବିରେନ୍ଦ୍ର ଲାକ୍ରା , ଅମିତ୍ ରୋହିତ ଦାସ୍ , ଦୀପସାନ୍ ତିର୍କୀ , ନମିତା ଟପ୍ପୋ ପ୍ରମୁଖ ସ୍ଥାନ ପାଇଛନ୍ତି । ଜାତୀୟ ସ୍ତରରେ ପୁରଷ ଓ ମହିଳା କ୍ରୀଡାବିତ୍ ମାନଙ୍କୁ ସୃଷ୍ଟି କରିବା ପାଇଁ କ୍ରୀଡା ଛାତ୍ରାବାସ ମାନଙ୍କରେ ସେମାନଙ୍କ ଲାଗି ତାଲିମ୍ ର ବ୍ୟବସ୍ଥା କରାଯାଇଛି । ଓଡିଶା ସରକାର କେବଳ ଏତିକି କରିନାହିଁ ବରଂ ଏହି କ୍ଷେତ୍ରରେ ଉନ୍ନତ ମାନର ଖେଳାଳୀ ସୃଷ୍ଟି କରିବା ପାଇଁ ଭିତିଭୂମି ଯୋଗାଇ ଦେବା ପାଇଁ ନିଷ୍ପତି ନେଇଛି । ସେ ଆହୁରି କହିଥିଲେ ଯେ ଓଡିଶା ସରକାର କ୍ରୀଡାକୁ ଗୁରୁତ୍ୱ ଦେବା ସହିତ ସ୍ୱୀକୃତି ମଧ୍ୟ ଦେଇଛି। ଏଥିପୂର୍ବରୁ ୨୦୧୭ ନଭେମ୍ବରରେ ୱାର୍ଡ ହକି ଲିଗ୍ ଫାଇନାଲ ଆୟୋଜନ କରାଯାଇଥିଲା । ହକି ଇଣ୍ଡିଆର ସଭାପତି ମାରିମା କୋସି କହିଥିଲେ ଯେ ଭାରତୀୟ ହକିକୁ ନୂଆ ରୂପ ଦେବା ଲାଗି ସଂକଳ୍ପବଦ୍ଧ। ୨୦୧୮ ହକି ବିଶ୍ୱ କପ୍ ପାଇଁ ଉନ୍ନତ ମାନର ଖେଳାଳୀ ସୃଷ୍ଟି ପାଇଁ ଉଦ୍ୟମ ଚାଲିଛି । ଓଡିଶା ସରକାରଙ୍କ ସହଭାଗୀତାରେ ହକି ଖେଳର ପ୍ରଚାର ଓ ପ୍ରସାର ହୋଇପାରିବ । ହକି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହକି ଫେଡେରେସନ୍ ର ସଭାପତି ଡ. ନରିନ୍ଦର ଧ୍ରୁବ୍ ବାତ୍ରା କହିଥିଲେ ଯେ (ପୃଷ୍ଠା-୭)

## ନବୀନ-ନରସିଂହ ଭେଟ୍‌ଘାଟ୍

# ରାଜନୈତିକ ଚର୍ଚ୍ଚା ଜୋର୍

ଭୁବନେଶ୍ୱର ୧୫।୨ (ସକାଳ ଖବର) : -ଦିଲ୍ଲୀ ଗସ୍ତରେ ଯାଇଥିବା ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଦୁଲ କାଲାମ୍ ରୋଡ ଠାରେ ଥିବା ତାଙ୍କ ବାସଭବନରେ ଭେଟିଛନ୍ତି । ସେଠାରୁ ଫେରିବା ପରେ ଗଣମାଧ୍ୟମ ପ୍ରଶ୍ନର ଉତରରେ ଶ୍ରୀ ମିଶ୍ର କହିଛନ୍ତି ଯେ ସେ ମତେ ଭେଟିବା ପାଇଁ ନିମନ୍ତ୍ରଣ କରିଥିଲେ । ମୁଁ ତାଙ୍କୁ ଭେଟିଲି। କିଏ କାହାକୁ ଭେଟିଲେ କଣ ପଲଟିକାଲ ଡିଲ୍ ହୋଇଯାଏ । ଆପଣମାନେ କଳ୍ପନା ଜଳ୍ପନା କରିବା ଛାଡନ୍ତୁ । ଗତକାଲି ସେ ଶରଦ ଯାଦବଙ୍କୁ ଭେଟି ଘଂଟା ଘଂଟା ଆଲୋଚନା କରିଥିଲେ । ତାର ଅର୍ଥ କଣ ଆମ ମଧ୍ୟରେ ଡିଲ୍ ହୋଇଗଲା ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି ।

ମୁଁ ସରକାରୀ କାର୍ଯ୍ୟକ୍ରମରେ ଦିଲ୍ଲୀ ଯାଇଥିଲି ଏବଂ ସେଥିରେ ଯୋଗ ଦେଲି । ସେଠାକୁ ମୁଖ୍ୟମନ୍ତ୍ରୀ ମଧ୍ୟ ଯାଇଥିଲେ । କାର୍ଯ୍ୟକ୍ରମ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହେଲା । ମୁଖ୍ୟମନ୍ତ୍ରୀଙ୍କ ସହ ବିରୋଧୀ ଦଳ ନେତା କଣ ଆଲୋଚନା କରିପାରିବେନି। ଅନ୍ୟପକ୍ଷରେ ନବୀନଙ୍କ ସହ ନରସିଂହଙ୍କ ସାକ୍ଷାତ ନେଇ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ପ୍ରଶ୍ନ ଉଠାଇଛନ୍ତି। (ପୃଷ୍ଠା-୭)

## ଆଜି ଠାରୁ ବାଘ ଗଣନା, ଲାଗିବ ୯୦୦ କ୍ୟାମେରା

ଭୁବନେଶ୍ୱର ୧୫।୨ (ସକାଳ ଖବର) : ଆସନ୍ତାକାଲି ଠାରୁ ରାଜ୍ୟରେ ବାଘ ଗଣନା କାର୍ଯ୍ୟ ଆରମ୍ଭ ହେବା ଏସମ୍ପର୍କରେ ସୂଚନା ଦେଇ ଜଙ୍ଗଲ ବିଭାଗ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି ଯେ ଏହି ଗଣନା ପ୍ରକ୍ରିୟା କ୍ୟାମେରା ଟ୍ରାପ୍ ସହ ପଗ୍ ମାର୍କ ଓ ଇନଡାଇରେକ୍ଟଏଭିଡେନ୍ସ ପଦ୍ଧତିରେ ହେବ । ଏଥିପାଇଁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୯୦୦ କ୍ୟାମେରା ଲଗାଯିବ । ବର୍ତମାନ ରାଜ୍ୟରେ ୪୦ ବାଘ ରହିଛନ୍ତି। ଚଳିତ ଗଣନା ପରେ ବାଘ ସଂଖ୍ୟାରେ ବୃଦ୍ଧି ଘଟିପାରେ ବୋଲି ସେ କହିଛନ୍ତି ।ଏବେ ଦକ୍ଷିଣ ଶିମିଳିପାଳରେ



ଚହଲାରେ ବାଘ ଥିବା ସୂଚନା ମିଳିଛି। ରାଜ୍ୟରେ ବାଘ ସଂଖ୍ୟା ବଢିବା ଆଶା କରାଯାଉଛି। ଏଥର ସୁନାବେଡା ଜଙ୍ଗଲରେ ମଧ୍ୟ ବାଘ ଗଣା ଯିବାକୁ ଉଦ୍ୟମ କରାଯିବ। ଅନ୍ୟପକ୍ଷରେ ରାଜ୍ୟରେ ଡଲଫିନ୍ ସଂଖ୍ୟା ବୃଦ୍ଧି ପାଇଛି। ଭିତରକନିକା, ଗହୀରମଥା ସମୁଦ୍ର ତଟରେ ୩୦୭ଟି ଡଲଫିନ ଥିବା ବେଳେ ଚିଲିକା ହ୍ରଦରେ ୧୬୨ଟି ଡଲଫିନ୍ ଥିବା ଗଣନାରୁ ଜଣାପଡିଛି। ଏହି ଡଲଫିନ୍ ମଧ୍ୟରେ ଇରାବାଡି, ବଟନ ନୋଜ୍ ଏବଂ ହମ୍ପ ବ୍ୟାକ୍ ପ୍ରଜାତିର ଡଲଫିନ୍ ରହିଛନ୍ତି।

# ପିଏନ୍‌ବି ମହାଘୋଟାଲା



- ନୀରବ ମୋଦିଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି
- କେନ୍ଦ୍ର ସରକାରଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ
- ତ୍ରିପୁରା ନିର୍ବାଚନ ହାରିବା ଭୟରେ କଂଗ୍ରେସର ପ୍ରଳାପ : ବିଜେପି

ନୂଆଦିଲ୍ଲୀ,୧୫।୨ : ପିଏନବି ମହାଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କ ବିରୋଧରେ ପିଏନ୍‌ବି ସିବିଆଇ ପାଖରେ ଅଭିଯୋଗ କରିବା ପୂର୍ବରୁ ଜାନୁଆରୀ ୧ରେ ସେ ଦେଶ ଛାଡି ସାରିଥିଲା । ପିଏନବି ଜାନୁଆରୀ ୨୯ରେ ନୀରବ ବିରୋଧରେ ୨୮୦ କୋଟି ଟଙ୍କାର ଜାଲିଆତି ମାମଲାରେ ଏତଲା ଦାୟର କରିଥିଲା । ଏହି ସୂଚନା ପିଏନ୍‌ବିରେ ଜଡିତ ଏକ ଅଧିକାରୀ ଦେଇଥିଲେ । ସୂଚନା ମୁତାବକ ନୀରବର ଭାଇ ବିଶାଳ, ଯିଏ ବେଲଜିୟମର ନାଗରିକ ସେ ମଧ୍ୟ ଜାନୁଆରୀ ୧ରୁ ଦେଶ ଛାଡି ସାରିଥିଲା । ଅନ୍ୟପଟେ ତାଙ୍କ ପତ୍ନୀ ଯେ କି ଏବେ ଆମେରିକାର ନାଗରିକ । କେବଳ ଏତିକି ନୁହେଁ ନୀରବ ବିଜନେସ ପାର୍ଟନର ମେହୁଲ ଚୌକସୀ ମଧ୍ୟ ଜାନୁଆରୀ ୬ରେ ଦେଶ ଛାଡ଼ି ଦେଇଥିଲା । ଅଧିକାରୀ କହିଛନ୍ତି ଯେ ଏଜେନ୍ସି ଏହି ମାମଲାରେ ଏଫ୍‌ଆଇଆର୍ ରୁଜୁ କରିବା ପରେ ଏହି ଚାରି ଜଣଙ୍କ ବିରୋଧରେ ଲୁକ ଆଉଟ୍ ସର୍କୁଲାର ଜାରି କରିଛି । ଏହି ଲୁକ୍ ଆଉଟ୍ ସର୍କୁଲାର ପ୍ରବର୍ତ୍ତନ ଏଜେନ୍ସି ପକ୍ଷରୁ ଜାରି ହୋଇଛି । କୁହାଯାଉଛି ନୀରବ ମୋଦୀ ଏବେ ସ୍ୱିଜରଲ୍ୟାଣ୍ଡରେ ରହିଛି । ଗତ ଜାନୁଆରୀ ୨୩ରେ ଡାଭୋସ ୱାର୍ଲ୍ଡ ଇକୋନୋମିକ ଫୋରମରେ ପିଏମ ମୋଦୀ ଏବଂ ଭାରତୀୟ ସିଇଓଙ୍କ ସହିତ ନିଆଯାଇଥିବା ଫଟୋରେ ନୀରବ ମୋଦୀ ମଧ ରହିଛି । ଏହି ଫଟୋ ନୀରବ ବିରୋଧରେ ମାମଲା ରୁଜୁ ହେବାର ଠିକ୍ ୬ ଦିନ ପୂର୍ବର । ନୀରବ ଭାରତୀୟ ନାଗରିକ ହୋଇଥିବା ବେଳେ ତାର ପତ୍ନୀ ଏବଂ ଭାଇ ପାଖରେ ଭାରତୀୟ ନାଗରିକ ନାହିଁ । ନୀରବ ମୋଦୀ ୨୦୧୩ରେ ସବୁଠୁ ଧନୀ ଏବଂ ପ୍ରସିଦ୍ଧ ଭାରତୀୟ ସୂଚୀରେ ନିଜକୁ ସାମିଲ କରାଇ ଆସିଥିଲା । ଅନ୍ୟପକ୍ଷରେ ପିଏନବିରେ ହୋଇଥିବା ୧୧୦୦୦କୋଟି ଟଙ୍କାର ଦୁର୍ନୀତିକୁ ନେଇ ବିରୋଧୀ ଦଳ କଂଗ୍ରେସ ଆକ୍ରମଣାତ୍ମକ ହୋଇଉଠିଛି । ଦଳର ନେତା ରଣଦୀପ ସିଂହ ସୁରେଜବାଲା କେନ୍ଦ୍ରର ମୋଦୀ ସରକାରଙ୍କୁ (ପୃଷ୍ଠା-୭)

# ମାର୍ଚ୍ଚରେ ବାହୁଡ଼ିବେ ଜଗା-କାଳିଆ



ଭୁବନେଶ୍ୱର, ୧୫।୨ (ସକାଳ ଖବର) : କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଅଞ୍ଚଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଦିଲ୍ଲୀରୁ ଭୁବନେଶ୍ୱର ସ୍ଥାନାନ୍ତର ହେବେ । ଜଗା-କାଳିଆଙ୍କୁ ଆଗାମୀ ମାର୍ଚ୍ଚରେ ଭୁବନେଶ୍ବରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଡିସ୍‌ଚାର୍ଜ ପରେ କେଉଁଠି ରଖାଯିବ ଅନୁଧ୍ୟାନ ଚାଲିଛି । ମାର୍ଚ୍ଚ ୨ୟ ସପ୍ତାହରେ ଦିଲ୍ଲୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରୁ ସ୍ଥାନାନ୍ତର ପୂର୍ବରୁ ଓଡ଼ିଶାରୁ ୫ଜଣିଆ ସ୍ୱତନ୍ତ୍ର ଟିମ୍ ଏମ୍ସ ଆସି ଉଭୟଙ୍କୁ ଦିଆଯାଉଥିବା ଚିକିତ୍ସାର ଅନୁଧ୍ୟାନ କରିବେ ବୋଲି ଶ୍ରୀ ଜେନା କହିଛନ୍ତି ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ

## ଚଳିତବର୍ଷ ନିଜ ସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେବେ ନାହିଁ ଛାତ୍ରଛାତ୍ରୀ

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୫।୨ (ସକାଳ ଖବର) : ଆଗକୁ ଆସୁଛି ମାଟ୍ରିକ୍ ପରୀକ୍ଷା । ପରୀକ୍ଷାକୁ ଶୃଙ୍ଖଳାର ସହ ସମ୍ପାଦନ କରିବାକୁ ଆଜି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ ଭିଡିଓ କନଫରେନ୍ସି ସାହାଯ୍ୟରେ ସାମିଲ କରାଯାଇଥିଲା । ତେବେ ଚଳିତ ବର୍ଷ ଛାତ୍ରଛାତ୍ରୀମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ ନାହିଁ । ଅନ୍ୟ ସେଣ୍ଟରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ନିଷ୍ପତି ଅନୁଯାୟୀ, ଏଥର ନିଜ ସ୍କୁଲରେ ପରୀକ୍ଷା ହେବନାହିଁ । ସାଧାରଣତଃ ବିଦ୍ୟାଳୟଠାରୁ ୧୦ କିମି ଦୂରତା ମଧ୍ୟରେ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି । ଶିକ୍ଷାନୁଷ୍ଠାନ ମାନଙ୍କରେ କଡା ସୁରକ୍ଷା ମଧ୍ୟରେ ପରୀକ୍ଷା କରାଯିବ। । ଆସନ୍ତା ୨୩ ତାରିଖରେ ମ୍ୟାଟ୍ରିକ୍ ପରୀକ୍ଷା ହେବାକୁ ଥିବାବେଳେ ଚଳିତ ବର୍ଷ କପି ରୋକିବାକୁ ତ୍ରୀସ୍ତରୀୟ ସ୍କ୍ୱାର୍ଡ୍ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ପ୍ରକାଶ, ଚଳିତବର୍ଷ ଫେବୃଆରୀ ୨୩ରୁ ରାଜ୍ୟରେ ଆରମ୍ଭ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ରାଜ୍ୟ ଓପନ ସ୍କୁଲ ଓ ମଧ୍ୟମା ପରୀକ୍ଷା ଏକସଙ୍ଗେ ହେବ । ଏହି ବୋର୍ଡ ପରୀକ୍ଷା ମାର୍ଚ୍ଚ ୮ ତରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ୨୮୧୮ଟି ରେଗୁଲାର ଓ ୩୦୨ଟି ନୋଡାଲ୍ ସେଣ୍ଟର ହେବ । ଚଳିତ ଥର ସମୁଦାୟ ୫ ଲକ୍ଷ ୯୦ ହଜାର ୩୩୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

# ଦନ୍ତା ଦୌରାତ୍ମ୍ୟ



ଭୁବନେଶ୍ବର, ୧୫।୨ (ସକାଳ ଖବର) : ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଗୁରୁବାର ସକାଳୁ ଦନ୍ତାର ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଘାଟିକିଆସ୍ଥିତ ଓୟୁଏଟି ଫାର୍ମ ହାଉସରେ ଦନ୍ତାହାତୀ ପ୍ରବେଶ କରି ଉତ୍ପାତ କରିଛି । ଚନ୍ଦକା ଅଭୟାରଣ୍ୟକୁ ଲାଗି ରହିଥିବା ଭରତପୁର ଜଙ୍ଗଲରୁ ଦନ୍ତା ପ୍ରବେଶ କରିଥିବା ବନବିଭାଗର କର୍ମଚାରୀମାନେ ଅନୁମାନ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗତ କିଛିଦିନ ହେବ ଦନ୍ତା ଏହି ଅଞ୍ଚଳରେ ଦୌରାତ୍ମ୍ୟ ଦେଖାଉଛି । ଏକ ଲୁହା ଗେଟକୁ ଦଳି ଦେଇଛି । ହାତୀକୁ ଘଉାଇବାଲାଗି ବନ ବିଭାଗ ପକ୍ଷରୁ ଉଦ୍ୟମ ହୋଇଥିଲେ ବି କୌଣସି ସୁଫଳ ମିଳୁ ନାହିଁ । ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଯାଇଛନ୍ତି । ସୂଚନାଯୋଗ୍ୟ ରାଜ୍ୟରେ ହାତୀ ଉପଦ୍ରବ ନୂଆଁ କଥା ନୁହେଁ । ହାତୀମାନେ କେଉଁଠି ଫସଲ ଉଜ୍ଜାଡୁଛନ୍ତି ତ ଆଉ କେଉଁଠି ଘରଦ୍ୱାର ଭାଙ୍ଗିଦେଉଛନ୍ତି । ଏପରିକି ବିଭିନ୍ନ ଅଞ୍ଚଳରେ ହାତୀଙ୍କ ଆତଙ୍କରାଜ ଚାଲିଛି । କେନ୍ଦୁଝରେ ଜିଲ୍ଲା ଚମ୍ପୁଆ, କଟକ ଜିଲ୍ଲାର ଆଠଗଡ଼, ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଓ ଅନୁଗୁଳର କିଛି ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳୁଛି । ହାତୀମାନେ ମନୁଷ୍ୟଙ୍କୁ ଆକ୍ରମଣ କରିବା ପଛାଉ ନାହାଁନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ରାଜଧାନୀରେ ଘଞ୍ଚ ଜଙ୍ଗଲ ନଥିବା ସତ୍ତ୍ୱେ ବି ହାତୀ ଉପଦ୍ରବ ଦେଖାଯାଉଛି ।

## ଜ୍ୟାକବ ଜୁମାଙ୍କ ଇସ୍ତଫା ପରେ ରମଫୋସା ନୂତନ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୫।୨ : ଜ୍ୟାକବ ଜୁମାଙ୍କ ଇସ୍ତଫା ପରେ ଦକ୍ଷିଣ ଆଫ୍ରିକାଙ୍କୁ ସିରିଲ ରମଫୋସାଙ୍କ ରୂପେ ନୂତନ ରାଷ୍ଟ୍ରପତି ମିଳିଛି । ଜୁମା ବୁଧବାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ୯ ବର୍ଷ ଧରି ରାଷ୍ଟ୍ରପତି ପଦରେ ଥିବା ଜୁମା ଗତ କିଛି ସମୟରେ ଦୁର୍ନୀତି ଏବଂ ଘୋଟାଲାକୁ ନେଇ ବିବାଦରେ ରହିଥିଲେ । ତେଣୁ ରାଷ୍ଟ୍ରପତି ପଦ ଛାଡିବାକୁ ଆଫ୍ରିକନ ନ୍ୟାସନାଲ କଂଗ୍ରେସ(ଏଏନସି)ଙ୍କ ପକ୍ଷରୁ ତାଙ୍କ ଉପରେ ଚାପ ବଢ଼ବାରେ ଲାଗିଥିଲା । ଏହି ଇସ୍ତଫା ପରେ ଜ୍ୟାକବ ଜୁମାଙ୍କ ୯ ବର୍ଷ ଶାସନର ଅନ୍ତ ଘଟିଛି । ଜୁମା ଇସ୍ତଫା ଦେବାର କିଛି ଘଣ୍ଟା ଭିତରେ ସିରିଲ ରମଫୋସଙ୍କୁ ନିଦ୍ୱର୍ନ୍ଦ୍ୱରେ ନୂତନ ରାଷ୍ଟ୍ରପତି ରୂପେ ଚୟନ କରାଯାଇଛି । ୬୫ ବର୍ଷୀୟ ସିରିଲ ରମଫୋସାଙ୍କୁ ଦୁଇ ମାସ ପୂର୍ବେ ଆଫ୍ରିକନ ନ୍ୟାସନାଲ କଂଗ୍ରେସର ଅଧ୍ୟକ୍ଷ ରୂପେ ଚୟନ କରାଯାଇଥିଲା । ୭୫ ବର୍ଷୀୟ ଜୁମାଙ୍କ ବିରୋଧରେ କ୍ରମାଗତ ଅଭିଯୋଗ ଆସିବା ପରେ ଏଏନସି ସମସ୍ୟାରେ ପଡିଥିଲା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ଜୁମାଙ୍କୁ ହଟାଇ ନିଜକୁ ସ୍ୱଚ୍ଛ ଦର୍ଶାଇବାକୁ ଚାହୁଁଥିଲା ।



ହୁଣ୍ଡିର ଆୟ (୧୫.୨.୧୮)
୧,୯୧,୩୯୯

## ଶିଶୁଙ୍କୁ ଏକ୍ସପାରୀ ସାଲାଇନ୍ ଦିଆଯାଇଥିବା ଅଭିଯୋଗ

ବଲାଙ୍ଗୀର, ୧୫।୨ (ସକାଳ ଖବର) : ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ୩ ଶିଶୁରୋଗୀଙ୍କୁ ଏକ୍ସପାଏରୀ ସାଲାଇନ୍ ଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ମେଡିକାଲରେ ଉତେଜନା ଦେଖାଦେଇଛି । ରୋଗୀଙ୍କ ସମ୍ପର୍କୀୟମାନେ ଏହି ଘଟଣାରେ ଅସନ୍ତୋଷ ପ୍ରକାଶ କରିବା ସହ ଡାକ୍ତରଙ୍କ ନାଁରେ ଅଭିଯୋଗ ଆଣିଛନ୍ତି । ଏହି ଘଟଣାରେ ଡାକ୍ତର ଷ୍ଟୋରରୁମ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଦୋଷ ଲଦିଛନ୍ତି।ସାଲାଇନରେ ୨୦୧୭ ନଭେମ୍ବର ଏକ୍ସପାଏରୀ ଡେଟ୍ ରହିଥିବାବେଳେ ଗତକାଲି ଚିକିତ୍ସିତ ଶିଶୁଙ୍କୁ ଏହି ସାଲାଇନ୍ ଦିଆଯାଇଥିଲା । ଅଭିଯୋଗ ପରେ ଅନ୍ୟ କେତେକ ଶିଶୁଙ୍କୁ ଏହି ସାଲାଇନ୍ ଦିଆଯାଉଥିବାବେଳେ ସେମାନଙ୍କ ଠାରୁ ସାଲାଇନକୁ ହଟାଇ ନେଇଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ସୂଚନା ଦେଇଛନ୍ତି । ଆଜି ଏହି ଘଟଣାରେ ସେଂଟ୍ରାଲ ଷ୍ଟୋର ରୁମ ଯାଞ୍ଚ କରାଯିବାର ସୂଚନା ମିଳିଛି । ଏହି ଘଟଣାରେ ସିଡିଓମଓ ସୁଜ୍ଞାନେନ୍ଦ୍ର ମିଶ୍ର କହିଛନ୍ତି, 'ଏହି ଘଟଣାର ତଦନ୍ତ ହେବ । ଷ୍ଟୋରକୁ କିପରି ଏହି ସାଲାଇନ୍ ଆସିଲା ସେ ବିଷୟରେ ଦାୟିତ୍ୱରେ ଥିବା ନର୍ସଙ୍କୁ ପଚରାଉଚରା କରାଯିବା ସହ ଏକ୍ସପାଏରୀ ସାଲାଇନକୁ ପରୀକ୍ଷା ପାଇଁ ଲ୍ୟାବକୁ ପଠାଯିବ ।

## ଲୁଟିଲେ ଓ ଶେଷରେ ଏଟିଏମ୍ ଜାଳିଦେଲେ

ବାଲେଶ୍ୱର, ୧୫।୨ (ସକାଳ ଖବର) : ବାଲେଶ୍ୱର ଜିଲ୍ଲା ସୋର ଉତରେଶ୍ୱର ବଜାର ନିକଟରେ ଥିବା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏଟିଏମରୁ ଗତକାଲି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ସୂଚନା ମିଳିଥିବାବେଳେ ଲୁଟ ପରେ ଦୁର୍ବୃତମାନେ ଏଟିଏମରେ ନିଆଁ ଲଗାଇଦେଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା । ଏଟିଏମ୍ ଜଳୁଥିବା ଦେଖି ପୋଲିସ ଦମକଳ ବାହିନୀକୁ ଖବର ଦେଇଥିଲେ । ପରେ ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସୋର ଥାନା ଆଇଆଇସି ଏହି ଘଟଣାର ତଦନ୍ତ କରୁଛନ୍ତି ।



Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**